# NATIONAL NEWS BULLETIN (ODIA)

**13 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଶେଷହେଲା ସଂସଦ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ

\- ଆସନ୍ତା ମାସ ୯ ତାରିଖରେ ଆରମ୍ଭ ହେବ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ।

- ବିକଶିତ ରାଷ୍ଟ୍ର ଗଠନରେ ସୁସ୍ଥ, ଶିକ୍ଷିତ ଏବଂ ଦାୟିତ୍ୱବାନ ନାଗରିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି- କହିଲେ ରାଷ୍ଟ୍ରପତି ।
- ଦିଲ୍ଲୀରେ ଆଉ ଅଳ୍ପସମୟ ପରେ ସେବାତୀର୍ଥ ଏବଂ କର୍ତ୍ତବ୍ୟପଥ ପ୍ରଥମ ଓ ଦ୍ୱିତୀୟର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ବାଂଲାଦେଶ ତ୍ରୟୋଦଶ ଜାତୀୟ ସଂସଦୀୟ ନିର୍ବାଚନରେ ସ୍ପଷ୍ଟ ବହୁମତ ଆଡକୁ ଅଗ୍ରସର ହେଉଛି ବିଏନ୍‌ପି ।

\- ପ୍ରଧାନମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା ।

ଏବଂ

- ପୁରୁଷ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମ୍ମୁଖରେ ୧୭୦ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି ଜିମ୍ବାୱେ ।

---

# ଏଲ୍‌ଏସ୍-ଆଡଜର୍ଣ୍ଣଡ

ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆଜି ଶେଷ ହୋଇଛି । ଉଭୟ ଗୃହକୁ ଆସନ୍ତାମାସ ୮ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ୯ ତାରିଖରେ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ । ଆଜି ଲୋକସଭା ବୈଠକ ଆରମ୍ଭ ହେବା ପରେ ପୂର୍ବତନ ସାଂସଦ ଭଗବାନ ଦାସ ରାଠୋରଙ୍କ ପରଲୋକରେ ଶୋକପ୍ରସ୍ତାବ ଆଗତ କରାଯାଇଥିଲା । ଦିବଂଗତ ନେତାଙ୍କ ପ୍ରତି ସମ୍ମାନ ଜଣାଇ ଗୃହରେ କିଛିସମୟ ନୀରବତା ଅବଲମ୍ବନ କରାଯାଇଥିଲା । ଏହାପରେ ପ୍ରଶ୍ନକାଳ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ପ୍ରବଳ ହଟ୍ଟଗୋଳ ଆରମ୍ଭ କରିଥିଲେ । ଫଳରେ ଗୃହରେ ଅଧ୍ୟକ୍ଷତା କରୁଥିବା ସଂଧ୍ୟା ରାୟ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ଗୃହରେ ପରିସ୍ଥିତି ପୂର୍ବପରି ବଲବତ୍ତର ରହିବାରୁ ଅଧ୍ୟକ୍ଷ ପରବର୍ତ୍ତୀ ପର୍ଯ୍ୟାୟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ । ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାମାସ ୯ ତାରିଖରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

ରାଜ୍ୟସଭାରେ ମଧ୍ୟ ପ୍ରଶ୍ନକାଳ ଏବଂ ଜିରୋ ଆୱାର ସୁରୁଖୁରୁରେ ସମ୍ପନ୍ନ ହୋଇଛି । ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ’ ଜାନୁଆରୀ ୨୮ରେ ସଂସଦର ଉଭୟ ସଦନକୁ ପ୍ରଦାନ କରାଯାଇଥିବା ଅଭିଭାଷଣ ଆଧାରିତ ରାଷ୍ଟ୍ରପତିଙ୍କ ଧନ୍ୟବାଦ ବାର୍ତ୍ତାକୁ ପାଠ କରିଥିଲେ । ଏହାପରେ ଗୃହର ଶୂନ୍ୟକାଳ

ଆରମ୍ଭ ହୋଇଥିଲା । ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍‌ଥାପନ କରିଥିଲେ । ପରେ ଗୃହକୁ ମୁଲତବୀ ଘୋଷଣା କରାଯାଇଛି ।

# ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ବିନା କୌଣସି ଜାତୀୟ ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇଥାଏ । ନୂଆଦିଲ୍ଲୀରେ ସଶକ୍ତ ଭାରତ ପାଇଁ କର୍ମଯୋଗ ଆଧାରିତ ଦେଶବ୍ୟାପୀ ଅଭିଯାନକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ବିକଶିତ ରାଷ୍ଟ୍ର ଗଠନରେ କେବଳ ରାଜନୈତିକ ସ୍ଥିରତା ଏବଂ ଦୃଢ଼ ଅର୍ଥନୀତି ଆବଶ୍ୟକ ନୁହେଁ, ବରଂ ସୁସ୍ଥ, ଶିକ୍ଷିତ ଏବଂ ଦାୟିତ୍ୱବାନ ନାଗରିକଙ୍କ ଗଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସନ୍ତୁଳିତ ଏବଂ ସାମଗ୍ରିକ ବିକାଶ ପାଇଁ ପ୍ରଗତିକୁ ନୈତିକତା ଓ ଆଧ୍ୟାତ୍ମିକତା ସହିତ ସମନ୍ୱୟ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଅର୍ଥନୈତିକ ଅଭିବୃଦ୍ଧି ସମୃଦ୍ଧି ପ୍ରଦାନ କରୁଥିବାବେଳେ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ନବସୃଜନ, ଦକ୍ଷତା ଏବଂ ପ୍ରତିଯୋଗିତାକୁ ପ୍ରୋତ୍ସାହନ ପ୍ରଦାନ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ସଚ୍ଚେଟତା ଏବଂ ସମର୍ପଣ ଭାବ ସହିତ କାମ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

**V/O (President 1947 Visit)**

# ପି.ଏମ୍. - ସେବାଥୀର୍ଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଦିଲ୍ଲୀରେ ସେବାତୀର୍ଥ ନାମଫଳକର ଉନ୍ମୋଚନ କରିବେ । ପରେ ଆନୁଷ୍ଠାନିକ ଭାବେ ସେବାତୀର୍ଥ  ଏବଂ କର୍ତ୍ତବ୍ୟ ଭବନ ପ୍ରଥମ ଓ ଦ୍ୱିତୀୟରେ ଶ୍ରୀ ମୋଦି ଉଦ୍‌ଘାଟନ କରିବେ । ସେବାତୀର୍ଥସ୍ଥଳୀରେ ପ୍ରଧାନମନ୍ତ୍ରୀ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ନାଗରିକଙ୍କୁ ଆଧୁନିକ, ଦକ୍ଷ ଏବଂ ସହଜ ଭାବରେ ସେବା ଯୋଗାଇଦେବା କ୍ଷେତ୍ରରେ ଏହା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ।

ସେବାତୀର୍ଥରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଓ କ୍ୟାବିନେଟ୍ ସଚିବାଳୟ ରହିଛି । ସେଠାରେ ପ୍ରଶାସିନକ କାର୍ଯ୍ୟ ପାଇଁ ସମସ୍ତ ଆଧୁନିକ ବ୍ୟବସ୍ଥା କରାଯାଇଛି । କର୍ତ୍ତବ୍ୟ ଭବନ ପ୍ରଥମ ଓ ଦ୍ୱିତୀୟରେ ଅନେକଗୁଡ଼ିଏ ପ୍ରମୁଖ ମନ୍ତ୍ରଣାଳୟ ରହିଛି ।

# ଏଗ୍ରିକଲଚର ସେକ୍ଟର-ଇଣ୍ଡିଆ ୟୁଏସ୍ ଡିଲ୍

ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିକୁ କୃଷିକ୍ଷେତ୍ର ସ୍ୱାଗତ କରିଛି । ଆକାଶବାଣୀ ସମ୍ବାଦ ବିଭାଗ ସହିତ ଏକ ସ୍ୱତନ୍ତ୍ର ଆଲୋଚନାରେ ନ୍ୟାସନାଲ କମୋଡିଟି ଆଣ୍ଡ୍ ଡେରିଭେଟିଭ୍‌ସ ଏକ୍ସଚେଞ୍ଜ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଅରୁଣ ରସ୍ତେ କହିଛନ୍ତି କ୍ଷୁଦ୍ର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗହମ, ଚାଉଳ, ଦୁଗ୍ଧ ଏବଂ କୁକୁଡା ଆଦି

ଖାଦ୍ୟସାମଗ୍ରୀକୁ ଚୁକ୍ତିନାମାରୁ ବାଦ୍ ଦିଆଯାଇଛି । ଭାରତର ରପ୍ତାନୀ ଉପରେ ୧୮ ପ୍ରତିଶତକୁ ଶୁଳ୍କ ହ୍ରାସ ଉପରେ ଆଲୋକପାତ କରି ସେ କହିଛନ୍ତି ଏ କ୍ଷେତ୍ରରେ ରପ୍ତାନୀକାରୀଙ୍କୁ ସୁଫଳ ମିଳିବ । ଚୁକ୍ତିନାମାରେ ରହିଥିବା ବ୍ୟବସ୍ଥା ରପ୍ତାନୀକାରୀ, କ୍ଷୁଦ୍ରଶିଳ୍ପ ଏବଂ କୃଷକଙ୍କୁ ଅଧିକ ସହଯୋଗ ପ୍ରଦାନ କରିବ ବୋଲି ଡକ୍ଟର ରସ୍ତେ ଆଶାବ୍ୟକ୍ତ କରିଛନ୍ତି ।

## ବାଂଲାଦେଶ ପୁଲ୍

ବାଂଲାଦେଶ ତ୍ରୟୋଦଶ ଜାତୀୟ ସଂସଦୀୟ ନିର୍ବାଚନରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି - ବିଏନ୍‌ପି ସ୍ପଷ୍ଟ ବହୁମତ ଆଡକୁ ଅଗ୍ରସର ହେଉଛି । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ବିଏନ୍‌ପି ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ପରବର୍ତ୍ତୀ ସରକାର ଗଠନ କରିବ ବୋଲି ଜଣାପଡିଛି । ବିଏନ୍‌ପି ଏବଂ ଏହାର ସହଯୋଗୀ ଦଳ ଗଣତିର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ୨୮୪ଟି ଆସନ ମଧ୍ୟରୁ ୨୦୮ଟିରେ ବିଜୟ ସୂଚକ ବ୍ୟବଧାନରେ ଆଗୁଆ ରହିଛି । ଏହି ଫଳାଫଳକୁ ବିଏନ୍‌ପି ଅତି ଆକର୍ଷଣ ଜନମତ ଭାବେ ବର୍ଣ୍ଣନା କରିଛି । ଦଳର ଅଧ୍ୟକ୍ଷ ତାରିକ ରହମାନ ଏବଂ ମହାସଚିବ ମୀର୍ଜା ଫଖରୁଲ ଇସଲାମ ଆଲମଗିର୍‌ଙ୍କ ସମେତ ଅନ୍ୟ ବରିଷ୍ଠ ନେତା ନିର୍ବାଚନରେ ବିଜୟୀ ହୋଇଛନ୍ତି । ତେବେ କେତେକ ସ୍ଥାନରେ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣାକୁ ଅପେକ୍ଷା କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବିଜୟ ପାଇଁ ତାରିକ ରହମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ନିର୍ବାଚନ ଫଳାଫଳ ବାଂଲାଦେଶ ନାଗରିକଙ୍କ

ବିଏନ୍‌ପି ଦଳପ୍ରତି ରହିଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ ଏବଂ ସହଭାଗି ବିକାଶ ଲକ୍ଷ୍ୟକୁ ଗତିଶୀଳ କରାଇବା ନେଇ ନୂତନ ସରକାରଙ୍କ ସହିତ ମିଳିମିଶି କାମ କରିବାକୁ ଭାରତ ଅପେକ୍ଷା କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## କିରଣ ରିଜିଜୁ-ମୋସନ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ନିଶିକାନ୍ତ ଦୁବେଙ୍କ ଦ୍ୱାରା ଆଗତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ବାଚସ୍ପତିଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ଏହା ବିଶେଷାଧିକାର କମିଟି କିମ୍ବା ନୈତିକ କମିଟିକୁ ପଠାଯିବ । ଅଥବା ସିଧାସଳଖ ଗୃହରେ ଆଲୋଚନା ହେବ ସେ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ । ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ ରିଜିଜୁ କହିଛନ୍ତି ବିଜେପି ସଦସ୍ୟ ନିଶିକାନ୍ତ ଦୁବେଙ୍କ ଦ୍ୱାରା ଆଗତ ଏହି ପ୍ରସ୍ତାବ ଉପରେ ସରକାର ବର୍ତ୍ତମାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ କହିଛନ୍ତି ସଂସଦୀୟ ନିୟମ ଅନୁଯାୟୀ ଜଣେ ସଦସ୍ୟଙ୍କର ଯେକୌଣସି ପ୍ରକାର ପ୍ରସ୍ତାବ ଆଣିବାର ଅଧିକାର ରହିଛି । ଶ୍ରୀ ଗାନ୍ଧୀ ଏକ ପ୍ରକାଶ ହୋଇନଥିବା ପୁସ୍ତକ ସମ୍ପର୍କରେ ଉଲ୍ଲେଖ କରି ତାଙ୍କ ବଜେଟ୍ ଭାଷଣ ସମୟରେ ଦେଇଥିବା ମନ୍ତବ୍ୟ ସଂସଦୀୟ ନିୟମର ଉଲ୍ଲଘଂନ କରୁଛି ବୋଲି ଶ୍ରୀ

ରିଜିଜୁ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଶ୍ରୀ ଗାନ୍ଧୀ ଦେଶ ବିକ୍ରି ହୋଇଗଲାଭଳି ଶବ୍ଦ ବ୍ୟବହାର କରିଥିଲେ, ଯାହାକି ସଂସଦୀୟ ପରମ୍ପରା ଅନୁଯାୟୀ ଗ୍ରହଣଯୋଗ୍ୟ ନୁହେଁ ।

**V/O (Kiran Rijiju)**

## କାହ୍ନୁ ଲେଙ୍କା ପାସ୍‌ଡ ଆୱ୍ୱେ

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କର ଆଜି ଭୁବନେଶ୍ୱରଠାରେ ପରଲୋକ ହୋଇଛି । ତାଙ୍କୁ ୮୬ବର୍ଷ ହୋଇଥିଲା । ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ । ପି.ଭି. ନରସିଂହାରାଓଙ୍କ ନେତୃତ୍ୱାଧୀନ ସରକାରରେ ସେ କୃଷି ରାଷ୍ଟ୍ରମନ୍ତ୍ରୀ ଏବଂ ପରେ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୮ରୁ ୧୯୯୪ ପର୍ଯ୍ୟନ୍ତ ରାଜ୍ୟସଭାରେ ସେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ । ଚୌଦ୍ୱାର ନିର୍ବାଚନମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ମଧ୍ୟ ସେ ୪ଥର ନିର୍ବାଚିତ ହୋଇଥିଲେ । ରାଜ୍ୟ ସରକାରରେ ମନ୍ତ୍ରୀପଦ ଦାୟିତ୍ୱ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗରେ ବହୁ ଦଳୀୟ ନେତା ତଥା ସମାଜର ବିଭିନ୍ନ ବର୍ଗ ଲୋକ ଗଭୀର ଶୋକପ୍ରକାଶ କରିଛନ୍ତି ।

# ରେଡ଼ିଓ ଦିବସ

ରେଡିଓର ମହତ୍ୱ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ରେଡିଓ ମାଧ୍ୟମରେ ସୂଚନା ପାଇବା ଲାଗି ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ରେଡିଓ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ବିଶ୍ୱ ରେଡ଼ିଓ ଦିବସର ବାର୍ତ୍ତା ରହିଛି, "ରେଡିଓ ଏବଂ କୃତ୍ରିମ ବୁଦ୍ଧିମତ୍ତା : ଏ.ଆଇ. ଏକ ଉପକରଣ, ସ୍ୱର ନୁହେଁ" ।

୧୯୪୬ ମସିହାରେ ଜାତିସଂଘ ରେଡିଓ ପ୍ରତିଷ୍ଠା ଦିବସକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୧୩ରେ ଏହି ଦିବସ ପାଳନ କରାଯାଏ। 'ବହୁଜନ ହିତାୟ, ବହୁଜନ ସୁଖାୟ' ମୂଳମନ୍ତ୍ର ସହିତ ଆକାଶବାଣୀ ଏହାର ପ୍ରତିଷ୍ଠା ଦିନରୁ ଦେଶ ସେବା କରିଆସୁଛି।

ଏହି ଦିବସ ପାଳନ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଲୋକଙ୍କର ସ୍ୱର ଉତ୍‌ଥାପନ କରିବାରେ ରେଡ଼ିଓ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ବର୍ଷବର୍ଷ ଧରି ରେଡ଼ିଓ ସମୟୋଚିତ ସୂଚନା ପ୍ରଦାନ କରିବା ସହ ପ୍ରତିଭା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହନ ପ୍ରଦାନ କରିଚାଲିଛି ।

# କ୍ରିକେଟ୍-ଟି୨୦

ଆଇସିସି ପୁରୁଷ ଟି-୨୦ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ଜିମ୍ବାୱ୍ୱେ ମଧ୍ୟରେ ଜାରି ରହିଛି । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଜିମ୍ବାୱ୍ୱେ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ବିନିମୟରେ ୧୬୯ରନ୍ ସଂଗ୍ରହ କରିଛି । ୧୭୦ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଅଷ୍ଟ୍ରେଲିଆ ୧୧ ଓଭର ସୁଦ୍ଧା ୪ ୱିକେଟ୍ ବିନିମୟରେ ୭୨ ରନ୍ ସଂଗ୍ରହ କରିଛି ।

ଆଜିର ଦ୍ୱିତୀୟ ମ୍ୟାଚ୍ ଅପରାହ୍ଣ ୩ଟାରେ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ କାନାଡା ଏବଂ ୟୁଏଇ ମଧ୍ୟରେ ଖେଳାଯିବ । ସଂଧ୍ୟା ୭ଟାରେ ଚେନ୍ନାଇର ଏନ୍.ଏ ଚିଦାମ୍ବରମ ଷ୍ଟାଡିୟମରେ ଆମେରିକା ଓ ନେଦରଲ୍ୟାଣ୍ଡ୍‌ସ ମଧ୍ୟରେ ମୁକାବିଲା ହେବ ।